# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**25th March - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ବି.ଜେ.ପି. ପକ୍ଷରୁ ଓଡ଼ିଶାର ୨୧ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୮ଟି ପ୍ରାର୍ଥୀଙ୍କ ନାମ ଘୋଷଣା ।

- ଆଜି ପବିତ୍ର ଦୋଳ ପୂର୍ଣ୍ଣିମା ।

— ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହେଉଛି ମେଳନ ଉତ୍ସବ ।

- ସମ୍ବଲପୁର ହୀରାକୁଦଠାରେ ଝାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନ ପାଇଁ ପହଞ୍ଚିଲେ ସ୍ୱତନ୍ତ୍ର ଡାକ୍ତରୀ ଦଳ ।

ଏବଂ

- ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ।

— ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୪ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ।

*Desk*

# ବି.ଜେ.ପି. ପ୍ରାର୍ଥୀ ତାଲିକା

ଭାରତୀୟ ଜନତା ପାର୍ଟି ଓଡ଼ିଶାର ୨୧ଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୮ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ୨୦୧୯ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିବା ୪ ଜଣ ସାଂସଦ ନୀତେଶ ଗଙ୍ଗଦେବ, ବସନ୍ତ ପଣ୍ଡା, ବିଶ୍ୱେଶ୍ୱର ଟୁଡୁ ଓ ସୁରେଶ ପୂଜାରୀଙ୍କୁ ଚଳିତଥର ଲୋକସଭା ପାଇଁ ପ୍ରାର୍ଥୀ କରାଯାଇ ନାହିଁ । ଅନ୍ୟପକ୍ଷରେ ସେମାନଙ୍କ ବଦଳରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ମୟୂରଭଞ୍ଜରୁ ନବଚରଣ ମାଝି ଏବଂ ବରଗଡ଼ରୁ ପ୍ରଦୀପ ପୁରୋହିତଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି । ସେହିଭଳି କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରରୁ ବୈଜୟନ୍ତ ପଣ୍ଡା, ସୁନ୍ଦରଗଡ଼ରୁ ଜୁଏଲ୍ ଓରାମ, ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀ, ବାଲେଶ୍ୱରରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ବଲାଙ୍ଗୀରରୁ ସଂଗୀତା କୁମାରୀ ସିଂହଦେଓ, ପୁରୀରୁ ସମ୍ବିତ ପାତ୍ର, ଢ଼େଙ୍କାନାଳରୁ ରୁଦ୍ରନାରାୟଣ ପାଣିଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ ବ୍ରହ୍ମପୁରରୁ ପ୍ରଦୀପ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରାଯାଇଛି ।

*Puri, Cuttack, Sonepur, Nayagarh, Bhadrak/R*

# ଦୋଳ ପୂର୍ଣ୍ଣିମା

ଆଜି ପବିତ୍ର ଦୋଳ ପୂର୍ଣ୍ଣମୀ । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଅନୁଷ୍ଠିତ ହେଉଛି। ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି । ଦୋଳ ଏବଂ ହୋଲି ପାଳନକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳିଛି ।

ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ହୋଲି ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ହୋଲି ଲୋକମାନଙ୍କ ମଧରେ ସଦ୍‌ଭାବନା ଆଣିଥାଏ। ହୋଲି ପର୍ବ ଲୋକମାନଙ୍କ ମଧରେ ପ୍ରେମ ଓ ଭ୍ରାତୃଭାବର ବିକାଶ କରିବ ବୋଲି ସେ କାମନା କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ହୋଲି ପର୍ବ ଭ୍ରାତୃଭାବର ବିକାଶ କରିବା ସହ ଲୋକମାନଙ୍କ ମଧରେ ପ୍ରେମ ଓ ଶ୍ରଦ୍ଧାର ପ୍ରଚାର କରିଥାଏ। ହୋଲି ପର୍ବ ଲୋକମାନଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବ ବୋଲି ସେ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋଲିର ଶୁଭକାମନା ଜଣାଇବା ସହ ଏହି ପାରମ୍ପରିକ ପର୍ବ ସମସ୍ତଙ୍କ ଜୀବନରେ ନୂଆ ଉତ୍ସାହ ନେଇ ଆସୁ ବୋଲି କହିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ସମସ୍ତ ଓଡ଼ିଆଙ୍କର ସୁଖ, ଶାନ୍ତି ଓ ଆନନ୍ଦ କାମନା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋଳପୂର୍ଣ୍ଣିମା ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ଶୁଭକାମନା ଜଣାଇବା ସହ ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ଖୁସିର ସବୁ ରଙ୍ଗ ଭରିଦେଉ ବୋଲି କହିଛନ୍ତି ।

ଏହି ଅବସରରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର  ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେଉଛି । ଶ୍ରୀଜୀଉମାନଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଇଛି । ସେବାୟତମାନେ  ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ବିମାନରେ ନେଇ ଦୋଳବେଦୀରେ ଦିଅଁମାନଙ୍କୁ ଦୋଳିରେ ବିଜେ କରାଇଛନ୍ତି । ସେଠାରେ ଶ୍ରୀଜୀଉଙ୍କ ଫଗୁ ଖେଳ ଅନୁଷ୍ଠିତ ହେଉଛି । ଏହି ଅବସରରେ ପାରମ୍ପରିକ ରୀତିମତେ ଶ୍ରୀଜୀଉମାନଙ୍କ ସମ୍ମୁଖରେ ଦୋଳବେଦୀ ଉପରେ ନୂତନ ପଞ୍ଜିକା ପାଠ କରାଯିବ ।

କଟକ ସହର ଉପକଣ୍ଠରେ ମଧ୍ୟ ଗତକାଲିଠାରୁ ବିମାନରେ ରାଧାକୃଷ୍ଣଙ୍କୁ ସାହି ଓ ଗାଁ ବୁଲାଯାଉଛି । ବିଭିନ୍ନ ସ୍ଥାନରେ ମେଳନ ମଧ୍ୟ ଆୟୋଜନ କରାଯାଉଛି ।

ସୁବର୍ଣ୍ଣପୁରଠାରେ ପବିତ୍ର ଦୋଳଉତ୍ସବ ଆଜି ମହାସମାରୋହରେ ପାଳିତ ହେଉଛି । ପାତାଳି ଶ୍ରୀକ୍ଷେତ୍ର ସମେତ ଜିଲ୍ଲାରେ ବିଭିନ୍ନ ମନ୍ଦିରରେ ପାରମ୍ପରିକ ଫଗୁ ପର୍ବ ଅନୁଷ୍ଠିତ ହେଉଛି । ବୀରମହାରାଜପୁରଠାରେ ଆସନ୍ତାକାଲି ହୋଲି ପର୍ବରେ ପ୍ରସିଦ୍ଧ ହରିହର ଭେଟ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଦୋଳପୂର୍ଣ୍ଣିମା ଅବସରରେ ସମଗ୍ର ନୟାଗଡ଼ ଜିଲ୍ଲା ଉତ୍ସବମୁଖର ହୋଇଛି । ଦଶଦୋଳ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳ ମେଳନ ଅନୁଷ୍ଠିତ ହେଉଛି । ଗୋପାଳମାନଙ୍କର ପାରମ୍ପରିକ ଓଗାଳ ସହିତ ଲଉଡ଼ି ଖେଳ ଦେଖିବାକୁ ମିଳୁଛି । ଜିଲ୍ଲାର ୮୩ଟି ସ୍ଥାନରେ ମେଳା ଅନୁଷ୍ଠିତ ହେଉଛି ।

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀଠାରେ ମୁନ୍‌ସୀ ଦୋଳ ମେଳନ ୩ ଦିନ ଧରି ପାଳିତ ହୋଇଯାଇଛି । ଜିଲ୍ଲାର ପ୍ରସିଦ୍ଧ କାଳୀମେଘା ମେଳନ ଆଗରପଡ଼ାର ରାମଗଡ଼ ମେଳନ, ଚାନ୍ଦବାଲି, ବାସୁଦେବପୁର, ଧାମନଗର ଆଦି ପ୍ରମୁଖ ସ୍ଥାନରେ ରାଧାକୃଷ୍ଣଙ୍କୁ ବିମାନରେ ମେଳନ ପଡ଼ିଆ ଓ ନାଟମଣ୍ଡପକୁ ନିଆଯାଇଛି ।

ଅନ୍ୟପକ୍ଷରେ ଆସନ୍ତାକାଲି ହୋଲି ପର୍ବ ପାଳନ ବେଳେ ରାସାୟନିକ ରଙ୍ଗ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ହୋଲିରେ ବିଶୃଙ୍ଖଳିତ ଆଚରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ସର୍ବସାଧାରଣ ସ୍ଥାନ ଏବଂ ବିଭିନ୍ନ ହୋଟେଲ୍‌ରେ ହୋଲି ପାଳନ ଉପରେ ସତର୍କ ଦୃଷ୍ଟି ରଖାଯାଇଛି । ରାସାୟନିକ ଦ୍ରବ୍ୟ ମିଶା ରଙ୍ଗ ବିକ୍ରି ହେଉଥିବା ଦୋକାନ

ଉପରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଚଢ଼ଉ କରାଯାଇଛି । କଟକରେ ମଧ୍ୟ ଆସନ୍ତାକାଲି ହୋଲିପାଇଁ ୧୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହରରେ ମୁତୟନ କରାଯିବ । କୌଣସି ସ୍ଥାନରେ ରାସ୍ତା ଅବରୋଧ କରି ହୋଲି ଖେଳାଯାଇପାରିବ ନାହିଁ ବୋଲି କଟକ ଡି.ସି.ପି. ସୂଚନା ଦେଇଛନ୍ତି ।

***Desk***

## ହୋଲି - ନିରାପତ୍ତା

ହୋଲି ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର ୫ଟି ସ୍ଥାନ କୁଆଖାଇ, ଦୟା, ପୁରୀ କେନାଲ୍, ବାଲିପାଟଣା ସାଇଫୋନ୍‌ଠାରେ ଅଗ୍ନିଶମ ବାହିନୀ ନିୟୋଜିତ ରହିବେ । ଲାଇଫ୍ ଜ୍ୟାକେଟ୍, ମେସିନ ରବର ବୋଟ୍ ସହିତ ପ୍ରତି ଟିମ୍‌ରେ ୬ ଜଣ ଲେଖାଏଁ କର୍ମଚାରୀ ନିୟୋଜିତ ରହିବେ । ଏହାସହ ଲୋକମାନେ ମଦ୍ୟପାନଠାରୁ ଦୂରେଇ ରହିବା ସହ ନଦୀପଠାରେ ଗାଧୋଇବାକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । କିଛି ଅଘଟଣ ଘଟିଲେ ୧୧୨ ନମ୍ବରକୁ କଲ୍ କରିବାକୁ ଅଗ୍ନିଶମ ଅଧିକାରୀ ଅବନୀକାନ୍ତ ସ୍ୱାଇଁ କହିଛନ୍ତି ।

***Desk***

# ହୀରାକୁଦ ଡାଇରିଆ - ଡାକ୍ତରୀଦଳ

ସମ୍ବଲପୁରର ହୀରାକୁଦଠାରେ ଝାଡ଼ାବାନ୍ତି ବ୍ୟାପିବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଆଜି ସହରର ଜଳ ବିଶୋଧନ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି । ଡାକ୍ତରୀ ଦଳ ବିଶୋଧନ କେନ୍ଦ୍ରରୁ ପାନୀୟ ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲାବୋରେଟୋରୀକୁ ପଠାଯାଇଛି । ସୂଚନାଯୋଗ୍ୟ, ହୀରାକୁଦରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ୧୭୦ରୁ ଅଧିକ ରହିଛି । ଆକ୍ରାନ୍ତଙ୍କ ମଧ୍ୟରୁ ଅଦ୍ୟାବଧି ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ତେବେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି ।

***Cuttack/R***

# କଟକ ନିର୍ବାଚନ ମଣ୍ଡଳୀ

କଟକ ଜିଲ୍ଲାରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା ମେ' ୨୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏଥିପାଇଁ ଜିଲ୍ଲାରେ ମୋଟ୍ ୨ ହଜାର ୨୭୪ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ଏଥିମଧ୍ୟରେ ସହରୀ ମତଦାନ କେନ୍ଦ୍ର ୪୬୦ ଥିବାବେଳେ ଗ୍ରାମୀଣ ମତଦାନ କେନ୍ଦ୍ର ୧ ହଜାର ୮୧୪ଟି ରହିଛି । କଟକ ଜିଲ୍ଲା ଅଧୀନରେ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୩ଟି ଲୋକସଭା ନିର୍ବାଚନ ମଣ୍ଡଳୀ ରହିଛି । ମୋଟ ମତଦାତାଙ୍କ ସଂଖ୍ୟା

୨୧ ଲକ୍ଷ ୪୧ ହଜାର ୯୦୪ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୧ ଲକ୍ଷ ୨୧, ମହିଳା ଭୋଟରଙ୍କ ସଂଖ୍ୟା ୧୦ ଲକ୍ଷ ୪୧ ହଜାର ୬୧୯ ଏବଂ ତୃତୀୟଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୨୬୪ ଜଣ ଅଛନ୍ତି ।

ଚଳିତ ବର୍ଷ ନିର୍ବାଚନରେ ବୁଥ୍‌କୁ ଆସି ପାରୁ ନ ଥିବା ବୟସ୍କ ଭୋଟର ଘରୁ ଭୋଟ ଦେଇପାରିବେ। ନିର୍ବାଚନ ସମ୍ପର୍କରେ ସାଧାରଣ ଲୋକଙ୍କ ଅଭିଯୋଗ ଆସିଲେ ୧୦୦ ମିନିଟ୍ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜିଲ୍ଲାରେ ମଧ୍ୟ ଭିଡିଓ ସର୍ଭେଲାନ୍ସ ଟିମ୍ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମୁତୟନ କରାଯିବ। ନିର୍ବାଚନର ସୁପରିଚାଳନା ପାଇଁ ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏ ସମ୍ପର୍କରେ ଆମ କଟକ ସମ୍ବାଦଦାତାଙ୍କ ରିପୋର୍ଟ :

***Voice*** :.........

***Met. O.***

# ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି । ଗତକାଲି ୩ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଥିଲା । ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । କେତେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ

ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

*****